## ୯ ଦୋକାନୀ ଗଣିଲେ ଡଣ୍ଡ

ପାଟଣା: କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ବଜାରରେ ବୁଧବାର ସାପ୍ତାହିକ ହାଟରେ କେତେକ ଅମାନିଆ ଦୋକାନୀ କୋଭିଡ ଗାଇଡ୍‌ଲାଇନକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ପାଟଣା ଏନଫୋର୍ସମେଣ୍ଟ ଟିମ୍ ୯ଟି ଦୋକାନରୁ ୪୧୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏହି ଚଢ଼ାଉରେ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ, ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ, ଭାଗିରଥି ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଖବର କାଗଜ ବିତରକଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି

ବାଲେଶ୍ୱର ଅଫିସ, ୧୨।୫: ଦେଶବ୍ୟାପୀ କରୋନାର ଭୟାବହତା ଜାରି ରହିଥିବା ବେଳେ ସର୍ବାଧିକ ସଂକ୍ରମଣ ଆଶଙ୍କାର ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଥିବା ଖବରକାଗଜ ବିତରକ (ହକର)ଙ୍କୁ ଯୋଦ୍ଧା ଘୋଷଣା କରାଯିବାକୁ ଦାବି ହୋଇଛି । ଏନେଇ ବାଲେଶ୍ୱର ଖବରକାଗଜ ବିତରକ ସଂଘ ପକ୍ଷରୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

### କ୍ଷତାକ୍ତ ହରିଣ ଉଦ୍ଧାର

ପାଟଣା,୧୨।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ମଲ୍ଲୀପଶି ବିଟ ବୃନ୍ଦାବନପୁର ଗ୍ରାମର ଏକ ସୂର୍ଯ୍ୟମୁଖି ବାଡିରୁ ବୁଧବାର ସକାଳୁ ଏକ କ୍ଷତାକ୍ତ ହରିଣ ଉଦ୍ଧାର ହୋଇଛି। ହରିଣକୁ ରେଞ୍ଜ କାର୍ଯ୍ୟାଳୟକୁ ଆଣି ବନ ବିଭାଗ ଚିକିତ୍ସା ଜାରି ରଖିଛି। ସୁସ୍ଥ ହେବା ପରେ ତାକୁ ଅଟେଇ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆ ଯିବ ବୋଲି ବନ ବିଭାଗ ସୂଚନା ଦେଇଛି।

### ଖବରଦାତାଙ୍କୁ ଟିକା

ଲଙ୍ଗଳେଶ୍ୱର,୧୨।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ଲଙ୍ଗଳେଶ୍ୱର ପ୍ରେସ୍ କ୍ଲବର ସମସ୍ତ ଖବରଦାତା ବୁଧବାର ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି। ଖବରଦାତା ତ୍ରିଲୋଚନ ରାଉତ, ରବି ରଞ୍ଜନ ତ୍ରିପାଠୀ, ରଞ୍ଜନ ବେହେରା, ରାଧାଗୋବିନ୍ଦ ଦାସ, ପ୍ରଶାନ୍ତ ସେନାପତି, କମଳାକାନ୍ତ ଦାସ, ସତ୍ୟର୍ଜନ ସାହୁ ଓ ପ୍ରଦୀପ ଜେନା ଟିକା ନେଇଥିଲେ। ଫାର୍ମାସିଷ୍ଟ ତପନ ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୁଷ ଡା. ଯୋଗେଶ୍ୱର ବେହେରା, ଭାକ୍ସିନେଟର ନନ୍ଦିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ବାତ୍ୟା ଆଶ୍ରୟସ୍ଥଳୀରୁ ଚୋରି ଅଭିଯୋଗ

ପଦ୍ମପୁର, ୧୨।୫(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଲକ୍ଷ୍ମୀଦାସପୁର ପଞ୍ଚାୟତ ଖେଡୁଆଲପୁର ବାତ୍ୟା ଆଶ୍ରୟସ୍ଥଳୀରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଏ ନେଇ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ସର୍ବେଶ୍ୱର ପୁହାଣ ବୁଧବାର ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସକାଳେ ସ୍ଥାନୀୟ ଲୋକେ ବାତ୍ୟା ଆଶ୍ରୟସ୍ଥଳୀର ତାଲା ଭଙ୍ଗାଯାଇଥିବା ଦେଖି ସମ୍ପାଦକଙ୍କୁ ଖବର ଦେଇଥିଲେ। ୩୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଏତଲାରେ ଉଲ୍ଲେଖ କରାଯାଇଛି।

### ୬ ମଦ ବେପାରୀ ଗିରଫ

ଜଳେଶ୍ୱର,୧୨।୫ (ଡି.ଏନ୍.ଏ.) : ବାଲେଶ୍ୱର ଜିଲାର ଜଳେଶ୍ୱର ଅବକାରୀ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ୧୪୦ ଲିଟର ଦେଶୀ ମଦ ସହିତ ୬ଜଣଙ୍କୁ ଗିରଫ କରିଛି। ଏହି ଚଢାଉରେ ଅବକାରୀ ଓଆଇସି ଦେବେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ରାଜୀବ ଭଞ୍ଜ, ବାବାଜୀ ପଣ୍ଡିତ ଓ ଜଳେଶ୍ୱର ଥାନା କର୍ମଚାରୀ ସାମିଲ ଥିଲେ।

### ୨୫୩ ନୂଆ ଆକ୍ରାନ୍ତ

କେନ୍ଦୁଝର, ୧୨।୫(ଡି.ଏନ.ଏ.): କେନ୍ଦୁଝର ଜିଲାରୁ ବୁଧବାର ୨୫୩ଜ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବୁଧବାର ଚିହ୍ନଟ ୨୫୩ ଜଣଙ୍କୁ ମିଶାଇ ଜିଲାର ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨,୭୪୯ରେ ପହଞ୍ଚି ଥିବାବେଳେ ସେଥିମଧ୍ୟରୁ ୧୧,୩୪୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ସାରିଲେଣି। ବୁଧବାର ସକାଳ ୯ଟା ପର୍ଯ୍ୟନ୍ତ ଜିଲାର ଆକ୍ଟିଭ କେଶ ସଂଖ୍ୟା ୧୩୬୧ ଥିବା ଜଣାପଡିଛି।

# କୋଭିଡ୍ ହସ୍ପିଟାଲ ମ୍ୟାନେଜର ବହିଷ୍କୃତ

## ହସ୍ପିଟାଲ ନିକଟରେ ମୃତଦେହ ପଡ଼ିବା ଘଟଣା

କେନ୍ଦୁଝର, ୧୨।୫ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ରାଙ୍କି ସ୍ଥିତ କୋଭିଡ୍ ହସ୍ପିଟାଲ ନିକଟରେ ଗତ ମଙ୍ଗଳବାର ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଚିହ୍ନଟ ହୋଇଛି । ତାଙ୍କ ନାମ ହୃଶିକେଶ ସାହୁ (୪୬)। ତାଙ୍କ ଘର ତେଲକୋଇ ଅଞ୍ଚଳରେ। ସେ ଗତ ମଙ୍ଗଳବାର ଅପରାହ୍ନରେ ଅକ୍ସିଜେନ ସ୍ତର କମିଯିବାରୁ ତେଲକୋଇରୁ ରେଫର ହୋଇ କୋଭିଡ ହସ୍ପିଟାଲକୁ ଆସିଥିଲେ। ତେବେ ତାଙ୍କୁ ଅକ୍ସିଜେନ ଦେବା ପରେ ସେ ସୁସ୍ଥ ହୋଇଥିଲେ। ତାଙ୍କୁ ହସ୍ପିଟାଲ ବେଡକୁ ନେଇ ସାଲାଇନ ଦେବା ପାଇଁ ବ୍ୟବସ୍ଥା କରାଯାଉଥିବାବେଳେ ସେ ଉଠି ବାହାରକୁ ଚାଲି ଚାଲି ଯାଉଥିବା ସିସିଟିଭିରୁ ଜଣାପଡିଛି। ୫ ମିନିଟ ପରେ ସେ ବାହାରକୁ ଏକୁଟିଆ ବାହାରୁଥିବା ସିସିଟିଭି ତଥ୍ୟରୁ ଜଣା ପଡିଛି। ତାପରେ ସାଇଡ୍‌ରେ ଭଙ୍ଗାଯାଇଥିବା କମ ଉଚ୍ଚ ପାଚେରି ଡେଇଁ ପ୍ରାୟ ୧୦୦ ମିଟର ବାହାରକୁ ଚାଲିଚାଲି ପଳାଇଥିଲେ। ତା ପରେ ଦୁର୍ଭାଗ୍ୟପୂର୍ଣ୍ଣ ଭାବରେ ତାଙ୍କର ମୃତ୍ୟୁ ହୋଇଛି। ହଠାତ ଅକ୍ସିଜେନ ସ୍ତର କମିଯିବା କାରଣରୁ ପଡିଯାଇ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ଏନେଇ ଉକ୍ତ ହସ୍ପିଟାଲ ଅଧୀନରେ ଥିବା କୋଭିଡ ହସ୍ପିଟାଲର ମ୍ୟାନେଜରଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶରେ ବହିଷ୍କୃତ କରାଯାଇଛି।

ଉକ୍ତ ଘରୋଇ ମେଡିକାଲ ସଂସ୍ଥାର ରାଜ୍ୟ ମୁଖ୍ୟଙ୍କୁ ନିଜେ ଆସି ହସ୍ପିଟାଲର ବ୍ୟବସ୍ଥାକୁ ଠିକ କରିବାକୁ କୁହାଯାଇଛି ବୋଲି ଜିଲାପାଳ ଆଶିଷ ଠାକରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ ସୁରକ୍ଷା କର୍ମୀ ଓ ସିସିଟିଭି ବଳୟ ମଧ୍ୟରେ ଥିବା କୋଭିଡ ହସ୍ପିଟାଲରୁ ଜଣେ ରୋଗୀ କିପରି ବାହାରକୁ ଗଲେ ଏହାର ସୁରକ୍ଷା ବ୍ୟବସ୍ଥା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭିଡିଓ ଭାଇରାଲ ହେବା ପରେ ଜିଲାପାଳ ନିଜେ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଘଟଣା ସ୍ଥଳକୁ ଯାଇ ମୃତଦେହ ଜବତ କରି ପରିବାର ଲୋକଙ୍କୁ ଡାକି କରୋନା ଗାଇଡଲାଇନ ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରାଗଲା। ଏଭଳି ଘଟଣା ହେବା କଥା ନୁହେଁ। ଘରୋଇ ମେଡିକାଲ ଉଚିତ ସେବା ଦେଇ ପାରିନାହିଁ ବୋଲି ସେ କହିଛନ୍ତି। ଏହାର ତଦନ୍ତ ନିର୍ଦ୍ଦେଶ କେନ୍ଦୁଝର ଉପଜିଲାପାଳ ଓ ସଦର ଏସଡିପିଓଙ୍କୁ ଦିଆଯାଇଛି। ତଦନ୍ତ ପରେ ସବିଶେଷ ଘଟଣା ଜଣାପଡିବ । ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି ବୋଲ ଜିଲାପାଳ କହିଛନ୍ତି।

# ୨ ଦୋକାନ ସିଲ୍

ଲଙ୍ଗଳେଶ୍ୱର,୧୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ବଜାରରେ କୋଭିଡ୍ ନିୟମ ଉଲ୍ଲଂଘନ ନେଇ ସ୍ଥାନୀୟ ଅତିରିକ୍ତ ତହସିଲ୍‌ଦାର ୨ ଦୋକାନ ସିଲ୍ କରଛନ୍ତି। ଏହି ଦୁଇ ଦୋକାନର ମାଲିକଙ୍କୁ ପୋଲିସ ଅଟକ ରଖିଛି। ଦୋକାନୀ ଦ୍ୱୟ ହେଲେ ଏସ୍‌କେ ଆଜିଦ୍ ଓ ଚଇନା ସାହୁ। କଟକଣା ଉଲ୍ଲଂଘନ କରି ବୁଧବାର ଲଙ୍ଗଳେଶ୍ୱର ବଜାରରେ ବହୁ ଦୋକାନ ଖୋଲାଥିବା ଖବର ପାଇ ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ଏବଂ ସିଂଲା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ମିଳିତ ଭାବରେ ଚଢ଼ାଉ କରିଥିଲେ।

# ଟେଣ୍ଟ ଭାଙ୍ଗିଲା ପ୍ରଶାସନ



ରାସ୍ତାରେ ବନ୍ଧା ଯାଇଥିବା ଟେଣ୍ଟ ଭଙ୍ଗା ଯାଉଛି।

ବନ୍ତ,୧୨।୫(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଣ୍ଡିଆ ଗ୍ରାମର ସର୍ବସାଧାରଣ ରାସ୍ତା ଉପରେ ବନ୍ଧା ଯାଇଥିବା ଟେଣ୍ଟକୁ ବୁଧବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ସୂଚନା ଅନୁଯାୟୀ, କୋଭିଡ୍ କଟକଣା ତଦାରଖ ପାଇଁ ତହସିଲଦାର ଇନ୍ଦିରା ସାହୁ ଉକ୍ତ ଗ୍ରାମକୁ ଯାଇଥିଲେ। ସେଠାରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଲାଗି ରାସ୍ତା ଉପରେ ଟେଣ୍ଟ ବନ୍ଧା ଯାଇଥିବା ସେ ଦେଖିବାକୁ ପାଇଥିଲେ। କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ତହସିଲଦାର ସାହୁ ପୋଲିସ ସହାୟତାରେ ଉକ୍ତ ଟେଣ୍ଟକୁ ଭାଙ୍ଗି ଦେଇଥିଲେ।

# ୩ ବାଲି ବୋଝେଇ ଡମ୍ଫରରୁ ଜରିମାନା

ବାଲିଆପାଳ,୧୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ବୁଧବାର ପୂର୍ବାହ୍ନରେ ୩ଟି ବାଲି ବୋଝେଇ ଡମ୍ଫରକୁ ଜବତ କରି ୧୮ ହଜାର ୪୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ପ୍ରକାଶ ଯେ, ପୂର୍ବାହ୍ନରେ ବସ୍ତା-ବାଲିଆପାଳ ମୁଖ୍ୟରାସ୍ତା ଦେଭୋଗ ଛକରୁ ଗୋଟିଏ ଏବଂ ସିମୁଳିଆ ଛକରୁ ଦୁଇଟି ଡମ୍ଫର ବାଲି ନେଇ ଯାଉଥିବା ସମୟରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଖବର ପାଇ ଏକ ସ୍ୱତନ୍ତ୍ର ଟିମ୍‌କୁ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସିମୁଳିଆ ଛକ ନିକଟରେ ଚଢ଼ାଉ ବେଳେ ଦୁଇ ଡ୍ରାଇଭର ଦେଖାଇଥିବା ରୟାଲିଟି ପେପରରେ ସମୟ ସ୍ଥାନ ପୂରଣ ହୋଇ ନ ଥିବାରୁ ମାଲିକ ତାପସ ଦାସଙ୍କଠାରୁ ୫ ହଜାର ଏବଂ ଦୀପ୍ତି ରଞ୍ଜନ ଗିରିଙ୍କଠାରୁ ୩୪୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ଦେଭୋଗ ଛକ ନିକଟରେ ଡମ୍ଫର ଡ୍ରାଇଭର ରୟାଲିଟି ପେପର ନ ଥିବାରୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଅତିରିକ୍ତ ତହସିଲଦାର ଡମ୍ଫରକୁ ଜବତ କରି ଥାନାରେ ଅଟକ ରଖି ମାଲିକ ବାବୁରାମ ପାତ୍ରଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।

# ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ଦାବି

ବାଲେଶ୍ୱର ଅଫିସ,୧୨।୫

ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲ ତଥା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅକ୍ସିଜେନ ପ୍ଲାଣ୍ଟ ତୁରନ୍ତ ପ୍ରତିଷ୍ଠା ପାଇଁ ଦାବି ହୋଇଛି। ବୁଧବାର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ବରିଷ୍ଠ ସଦସ୍ୟମାନଙ୍କର ଏକ ସ୍ୱତନ୍ତ୍ର ଟିମ୍ ଭୋଗରାଇ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଅନନ୍ତ ଦାସଙ୍କୁ ସାକ୍ଷାତ କରି ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ସହ ଜିଲାରେ ଜଣେ ହୃଦ୍‌ରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିବା ବେଳେ ଅନ୍ୟ ଏକ ଟିମ୍ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସ୍ୱତନ୍ତ୍ର ଦାବିପତ୍ର ପ୍ରଦାନ କରିଥିଲା। କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ଉପଦେଷ୍ଟା ବୈଦ୍ୟନାଥ ଷଡ଼ଙ୍ଗୀ, ସଭାପତି ମମତା ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଉପସଭାପତି ପ୍ରଭାକର ସାହୁ, ଅନ୍ୟତମ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ନବବଧୂଙ୍କୁ ହତ୍ୟା ଅଭିଯୋଗ

ବୈଶିଙ୍ଗା,୧୨।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କେଶୁରା ଗ୍ରାମରେ ଜଣେ ନବବଧୂଙ୍କୁ ଯୌତୁକ ଦାବିରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୫୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ମୃତ ନବବଧୂ ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ଅନ୍ତର୍ଗତ ବଡ଼ପାଳ ଗ୍ରାମର କାଲୁ ମାଝିଙ୍କ ଝିଅ ଗୀତା। ୪ ମାସ ତଳେ ସେ କେଶୁରା ଗ୍ରାମର କାର୍ତ୍ତିକ ଚନ୍ଦ୍ର ମାଝିଙ୍କୁ ବିବାହ କରିଥିଲେ। ତେବେ ଅଧିକ ଯୌତୁକ ଲାଗି ତାଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ନବବଧୂଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଝୁଲନ୍ତା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

PARADIP PORT TRUST
e-Tender Call Notice No.
TD/TM/GEN-235(Vol-IV)/20/925 dtd. 07.05.2021
Name of the Work : "Allotment of 11(Eleven) nos. of Mechanical Iron Ore/Iron Ore Pellet Plots at IOHP.". License fee : Rs. 2,79,00,510/-. Wharfage Charge : Rs. 15,28,690/-. Last Date and Time of Bld Submission : 27.05.2021,1700 Hrs. Bid Opening Date and time : 28.05.2021, 1500 Hrs. Refer our website for details : https://eprocure.gov.in/eprocure/app.
Sr. Asst. Traffic Manager
PPT/PR/31/21-22 Dt : 12.05.2021

# ଜିଲାପାଳଙ୍କୁ ପଲ୍‌ସ ଅକ୍ସିମିଟର ପ୍ରଦାନ

ବାଲେଶ୍ୱର ଅଫିସ,୧୨।୫

ବାଲେଶ୍ୱର ଜିଲାରେ କରୋନାର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ରୋଗୀଙ୍କ ଚିକିତ୍ସା ପାଇଁ ମିଳିତ ନିଶା ନିବାରଣ ଅଭିଯାନ(ମୋନା) ପକ୍ଷରୁ ବୁଧବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ୧୦ଟି ପଲ୍‌ସ ଅକ୍ସିମିଟର ପ୍ରଦାନ କରାଯାଇଛି। ସଭାପତି ପ୍ରଭାକର ସାହୁ, ସାଧାରଣ ସମ୍ପାଦିକା ମମତା ମହାପାତ୍ର, ଉପସଭାପତି ଡ. କ୍ଷିତିଶ୍ୱର ଦାଶ, ଡ. ମାତୃଦତ୍ତ ଦାସ, କାଞ୍ଚନବାଳା ପାତ୍ର, ଉପେନ୍ଦ୍ର ନାଥ ପାତ୍ର ଓ ପୂର୍ଣ୍ଣଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପଲ୍‌ସ ଅକ୍ସିମିଟର ପ୍ରଦାନ କରାଯାଉଛି।

# ସ୍ୱାମୀଙ୍କ ମୃତଦେହ ଆଣିବା ପାଇଁ ସ୍ତ୍ରୀ ଏସ୍‌ପିଙ୍କ ଦ୍ୱାରସ୍ଥ

ଭଦ୍ରକ ଅଫିସ,୧୨।୫

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବାଂଶବାଗ ଗାଁର ସୁଦର୍ଶନ ମଲ୍ଲିକ ହରିୟାଣାରେ କାମ କରୁଥିଲେ। ଗତ ୯ ତାରିଖରେ ସେଠାରେ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ତାଙ୍କୁ ସାଙ୍ଗରେ ନେଇଥିବା ବ୍ୟକ୍ତି କରୋନା ପାଇଁ ଘରକୁ ପଳାଇ ଆସିଥିବା ବେଳେ ସୁଦର୍ଶନଙ୍କ ମୃତଦେହ ଗାଁକୁ ଆସିବା କଷ୍ଟକର ହୋଇପଡ଼ିଛି। ମୃତ ସୁଦର୍ଶନଙ୍କ ସ୍ତ୍ରୀ ଜୟନ୍ତୀ ମୃତଦେହ ହରିଆଣାରୁ ଆଣି ଶୁଦ୍ଧିକ୍ରିୟା କରିବା ପାଇଁ ବୁଧବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ମଙ୍ଗଳବାର ତିହିଡ଼ି ଥାନାରେ ତାଙ୍କ ସ୍ୱାମୀଙ୍କୁ ହରିୟାଣାରେ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଘଟଣାର ତଦନ୍ତ କରୁ ନ ଥିବା ଏସ୍‌ପିଙ୍କୁ ଜଣାଇଛନ୍ତି। ସେଠାରେ ଫ୍ରିଜ୍‌ରେ ତାଙ୍କ ସ୍ୱାମୀଙ୍କ ମୃତଦେହ ରହିଥିବା ଜାଣିବାକୁ ପାଇଛନ୍ତି ବୋଲି ଜୟନ୍ତୀ କହିଛନ୍ତି। ମୃତଦେହ ଗାଁକୁ ଆଣିବା ପାଇଁ ସେ ଏସ୍‌ପିଙ୍କୁ ନିବେଦନ କରିଛନ୍ତି।

# ବସ୍ ସିଣ୍ଡିକେଟ ସଭାପତିଙ୍କ ପରଲୋକ

ଭଦ୍ରକ ଅଫିସ,୧୨।୫

ଭଦ୍ରକ ବସ୍ ସିଣ୍ଡିକେଟ ସଭାପତି ମୀର ଅବଦୁଲ ରଉଫ (୬୨)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଗତ ୪ ଦିନ ଧରି କୋଭିଡ୍‌ରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ମରଶରୀରକୁ ଭଦ୍ରକ ୩ ନଂ. ପୋଲ ନିକଟସ୍ଥ ଖାନକା ବାସଭବନକୁ ଅଣାଯାଇ କୋଭିଡ୍ ନିୟମ ଅନୁଯାୟୀ ଅନ୍ତିମ ସଂସ୍କାର କରାଯାଇଥିଲା। ସିଣ୍ଡିକେଟର ସଦସ୍ୟମାନେ ପହଞ୍ଚି ଶେଷ ଦର୍ଶନ କରିବା ସହ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

# ବୃଦ୍ଧଙ୍କ ଅନ୍ତିମ ସଂସ୍କାର କଲେ ସ୍ୱେଚ୍ଛାସେବୀ

ବାଲେଶ୍ୱର ଅଫିସ,୧୨।୫

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ବିରୁଆଁ ପଞ୍ଚାୟତ ରଘୁବୀର ପାଟଣା ଗ୍ରାମର ଦୟାନିଧି ପଣ୍ଡା (୧୦୭)ଙ୍କର ବୁଧବାର ପୂର୍ବାହ୍ନରେ ହୃଦଘାତରେ ମୃତ୍ୟୁ ହୋଇଥିଲା। ପରିବାରର ଅସହାୟତାକୁ ଲକ୍ଷ୍ୟ କରି ଶବ ଦାହରେ ବିଳମ୍ବ ହେବାରୁ ଖବରପାଇ ସ୍ୱେଚ୍ଛାସେବୀ ସଙ୍ଗଠନ ଜୟ ଜଗନ୍ନାଥ ଗ୍ରୁପ୍ ଓଡ଼ିଶା ବାଲେଶ୍ୱର ଶାଖାର ସଦସ୍ୟମାନେ ପହଞ୍ଚି ଶବ ସତ୍କାର କରିଥିଲେ। ପ୍ରଶାସନ ପକ୍ଷରୁ ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡା ଉପସ୍ଥିତ ରହିଥିଲେ। ଦୟାନିଧି କିଛିଦିନ ପୂର୍ବରୁ ତାଙ୍କର କୋଭିଡ୍‌ରେ ଆକ୍ରାନ୍ତ ହୋଇ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୧୦୭ ବର୍ଷ ହୋଇଥିଲା। କୋଭିଡ୍‌ରୁ ମୁକ୍ତ ହୋଇଥିଲେ ମଧ୍ୟ ସ୍ଥାନୀୟ ଲୋକମାନେ ଡରରେ ଶବ ସତ୍କାର କରି ନ ଥିଲେ। ଅନୁଷ୍ଠାନର ମହେଶ ମଲ୍ଲିକ, ପ୍ରଦ୍ୟୁମ୍ନ ଜେନା, ସ୍ମୃତି ରଞ୍ଜନ ବାରିକ ପ୍ରମୁଖ ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ପିପିଇ କିଟ୍ ପିନ୍ଧି ଶବ ସତ୍କାର କରିଥିବାର ଜଣାପଡ଼ିଛି।

# ଯୋଗଦେଲେ ନୂଆ ବିଡିଓ

ହାଟଡିହୀ,୧୨।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ବୁଧବାର ନୂତନ ମହିଳା ବିଡିଓ ଭାବେ ବିନୀତା ବିଜୟିନୀ ଯୋଗଦାନ କରିଛନ୍ତି । ସେ ମୟୂରଭଞ୍ଜ ରେ ଟ୍ରେନିଂ ରେ ଥିଲେ। ପଞ୍ଚାୟତ ରାଜ ବିଭାଗ ଚିଠି ନଂ ୮୦୦୭/୭।୫।୨୦୨୧ରେ ତାଙ୍କର ହାଟଡିହୀ ବ୍ଲକକୁ ବଦଳି ହୋଇଥିଲା । ବିଜୟିନୀ ବ୍ଲକରେ ପହଞ୍ଚି ବିଡିଓ ଜୟଦେବ ଦାସଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ।

CDA
କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
ସୂଚନା
No.CAD-257:-ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର), ସେକ୍ଟର-୫ରେ ପ୍ଲଟ୍ ନଂ.-୫-1B/52ଟିକୁ ଅଳକା ପାଲ, ସ୍ୱାମୀ ୰ ରାମାଶିଷ ପାଲ, ସା.- ଓଡ଼ିଆ ବଜାର, ପୋ.- ବକ୍ସିବଜାର, ଥା- ଦରଘା ବଜାର, ଜିଲ୍ଲା-କଟକଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଅଳକା ପାଲ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଶର୍ମିଷ୍ଠା ପାଲିତ, ସ୍ୱାମୀ- ଶ୍ରୀ ସୁବିର ପାଲିତ ଏବଂ ଶ୍ରୀ ସୁବିର ପାଲିତ, ପିତା- ୰ ପ୍ରବୀର ପାଲିତ, ସା.- 'ଆଶ୍ରୟୋ', ବିଶ୍ୱନାଥ ଲେନ୍, ବାଲୁବଜାର, ପୋ.- ଚାନ୍ଦିନୀଚୌକ, ଥା.- ଲାଲବାଗ, ଜିଲ୍ଲା- କଟକଙ୍କ ନାମରେ ମାଲିକନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
ସ୍ୱା./- ସଚିବ
OIPR-13037/11/0033/2122

# ଆଖି ବୁଜିଲେ ଚିତ୍ରକର ମୁରଲୀ

ଖଇରା,୧୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ସୁନାମଧନ୍ୟ ଚିତ୍ରକର ତଥା ଖବରଦାତା ମୁରଲୀଧର ଦାସ(୬୪)ଙ୍କର ବୁଧବାର ପରଲୋକ ଘଟିଛି। କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଚିକିତ୍ସିତ ହେଉଥିଲେ। ଅପରାହ୍ନରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସାପାଇଁ ଭଦ୍ରକ ଡାକ୍ତରଖାନା ନେଉଥିବା ବେଳେ ରାସ୍ତାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଖଇରା ଅଞ୍ଚଳର ସମସ୍ତ ଖବରଦାତା ତଥା ମାନ୍ୟଗଣ୍ୟ ବ୍ୟକ୍ତି ସନ୍ଧ୍ୟାରେ ବଟେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

ତେବେ ଡାଏଲିସିସ୍ ହୋଇ ନ ପାରିବାରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ପୁଅ ଦେବବ୍ରତ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ସପ୍ତାହରେ ଥରେ ରକ୍ତ



ମୁରଲୀଧର ଦାସ।

ଡାଏଲିସିସ ପାଇଁ ସେ ଜିଲାର ଏକ ଘରୋଇ ହସ୍ପିଟାଲକୁ ଯାଉଥିଲେ। ଏବେ ସେହି ଘରୋଇ ହସ୍ପିଟାଲ କୋଭିଡ୍ ଡାକ୍ତରଖାନାରେ ପରିଣତ ହୋଇଥିବାରୁ କିଡ୍‌ନୀ ଜନିତ ରୋଗୀଙ୍କ ପାଇଁ କୌଣସୀ ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିଲା। ଜିଲାସ୍ତରୀୟ ଅଧିକାରୀଙ୍କୁ ଏ ବିଷୟରେ ଅନୁରୋଧ କରିଥିଲେ ମଧ୍ୟ କିଛି ବ୍ୟବସ୍ଥା କରା ନ ଯିବାରୁ ମୁରଲୀଧରଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ପୁଅ ଅଭିଯୋଗ କରିଛନ୍ତି।

# କୋଭିଡ୍ ହସ୍ପିଟାଲରେ ଅକ୍ସିଜେନେରେଟର କାର୍ଯ୍ୟକ୍ଷମ

କେନ୍ଦୁଝର, ୧୨।୫ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ସ୍ଥାନୀୟ କୋଭିଡ ହସପିଟାଲରେ ପ୍ରେସର ସ୍ୱିଙ୍ଗ ଆଡଜରପସନ ଟେକ୍ନୋଲୋଜି ପଦ୍ଧତିରେ ଏକ ଅକ୍ସିଜେନେରେଟର କାର୍ଯ୍ୟକ୍ଷମ ହୋଇଛି । ଏହି ପ୍ଲାଣ୍ଟରୁ ପ୍ରତି ଘଣ୍ଟା ୫ ଜମ୍ବୋ ସିଲିଣ୍ଡର ଅକ୍ସିଜେନ ପ୍ରସ୍ତୁତ ହୋଇ ହସପିଟାଲକୁ ଯୋଗାଇଦିଆଯାଇପାରିବ। ଦୈନିକ ୮.୫ ଲକ୍ଷ ଲିଟର ଅକ୍ସିଜେନ ଏହି କାରଖାନା ରୁ ବାହାରିବ । ଗତ ବର୍ଷ ଏହାକୁ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। କିନ୍ତୁ କରୋନା ସଂକ୍ରମଣ ହ୍ରାସ ପାଇବା ସହ ସରକାରଙ୍କ ଆଦେଶ କ୍ରମେ ହସ୍ପିଟାଲ ବନ୍ଦ ହୋଇଯିବାରୁ ପ୍ରତିଷ୍ଠା ହୋଇ ପାରି ନ ଥିଲା। ପ୍ରଥମ ଲହରରେ ଜିଲାରେ ୧୪ଟି ଭେଣ୍ଟିଲେଟର ଯୁକ୍ତ ଆଇସିୟୁ ବେଡ ବ୍ୟବସ୍ଥା ଥିବା ବେଳେ ଏହି ସଂଖ୍ୟା ବୃଦ୍ଧି କରି ଦ୍ୱିତୀୟ ଲହରରେ ୪୫ ବେଡ କରାଯାଇଛି । ଏଥିପାଇଁ ସର୍ବାଧିକ ୨୯୦ ଜମ୍ବୋ ସିଲିଣ୍ଡର ପ୍ରତ୍ୟେକ ଦିନ ଆବଶ୍ୟକତା ପଡିବ । ଯାହାକି ଏହି ଅକ୍ସିଜେନେରେଟର ଦ୍ୱାରା ପୂରଣ ହୋଇପାରିବ ବୋଲି ଜିଲାପାଳ ଆଶିଷ ଠାକରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।



ଅକ୍ସିଜେନେରେଟର ମେଶିନ।

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office, Burla-768017
NOTICE INVITING TENDER
TP Western Odisha Distribution Limited invites tenders (2part bidding) from eligible vendors for the following packages:
1) TPWODL/SD/O/SER/010– Rate Contract for Enforcement Activities
Interested bidders to submit Tender Participation Fee and Authorization Letter through email before 22nd May 2021, 1500Hrs, after which link from e-Tender system shall be shared.
Corrigendum to Following Tender is being issued:
2) TPWODL/MK/SER/003 – Rate Contract for 11 KV & 1.1KV associated work (Construction / augmentation).
3) TPWODL/MK/SER/005 – Rate Contract for 33 KV associated work (Construction/augmentation)
4) TPWODL/PN/SU/006 – SCADA/ADMS system at TPWODL.
Date for submission of Tender Participation Fee and Authorization Letter is extended till 19th May 2021, 1500 Hrs.
For detailed tender documents of all tenders mentioned above, please visit Tender section on website www.tpwesternodisha.com. Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
Sd/- Chief Contracts and Stores

